# Govt. Autonomous College,Rourkela

P.G. 1st Year
2nd Semistar - 2022
(P - 201)

Time : ODIA Full Marks :

୧. କ. ଇଂରେଜ ମାନେ କେବେ ଓଡ଼ିଶା ଅଧିକାର କରିଥିଲେ ?

ଖ. ଖ୍ରୀଷ୍ଟିଆନ ପ୍ରାଦ୍ରୀମାନେ ଓଡ଼ିଶାରେ କେଉଁ ଧର୍ମ ପ୍ରଚାର କରିବା ଉଦ୍ଦେଶ୍ୟରେ ବାଇବେଲ୍‌ର ଓଡ଼ିଆ ଅନୁବାଦ କରିଥିଲେ ?

ଗ. ଶ୍ରୀରାମପୁରର ପାଦ୍ରୀମାନଙ୍କ ଦ୍ୱାରା କେଉଁ ଓଡ଼ିଆ ଅନୁବାଦ କରାଯାଇଥିଲା ?

ଘ. ରେଭରେଣ୍ଡ ଲେସିଙ୍କ ସମ୍ପାଦନାରେ କେତେ ମସିହାରେ ଜ୍ଞାନାରୁଣ ପତ୍ରିକା ପ୍ରକାଶ ଲାଭ କରିଥିଲା ।

ଙ. କେତେ ମସିହାରେ ଭାରତରେ ନୂତନ ଶିକ୍ଷାନୀତି ଅନୁସୃତ ହୋଇଥିଲା ?

ଚ. ଖ୍ରୀଷ୍ଟିଆନ୍ ମିସ୍‌ନାରୀ ମାନଙ୍କ ଦ୍ୱାରା କେତେ ମସିହାରେ କଟକ ଠାରେ ପ୍ରଥମ ଆଧୁନିକ ସ୍କୁଲ ପ୍ରତିଷ୍ଠା ହୋଇଥିଲା ?

ଛ. କେତେ ମସିହାରେ ରାଜେନ୍ଦ୍ର ଲାଲ ମିତ୍ର କଟକ ଡ଼ିବେଟିଂ କ୍ଲବ୍‌ରେ ଓଡ଼ିଆ ଏକ ସତନ୍ତ୍ର ଭାଷା ନୁହେଁ ବୋଲି କହିଥିଲେ ?

ଜ. ଆଧୁନିକ ଓଡ଼ିଆ ସାହିତ୍ୟର 'ମନ୍ତ୍ରଦାତା ଓ ସ୍ରଷ୍ଟା' ଭାବରେ କାହାକୁ ଅଭିହିତ କରାଯାଇଛି ?

ଝ. ଦରବାର କାବ୍ୟଟି କାହାର ?

ଞ. ଦରବାର କାବ୍ୟଟି କି ଧରଣର କାବ୍ୟ ?

ଟ. କେତେ ମସିହାରେ ବାରବାଟୀ ଜିଲ୍ଲାରେ ଏକ ଦରବାର ଅନୁଷ୍ଠିତ ହୋଇଥିଲା ?

ଠ. ଦରବାର ପ୍ରଥମେ କେଉଁ ପତ୍ରିକାରେ 'ବୈୟାସିକୀବାଣୀ' ନାମରେ ପ୍ରକାଶ ପାଇଥିଲା ?

ଡ. ଆଧୁନିକ ଶବ୍ଦର ଅର୍ଥ କ'ଣ ?

ଢ. ଆଧୁନିକ ଯୁଗ ଅନ୍ୟ କେଉଁ ନାମରେ ନାମିତ ?

ଣ. ରାଧାନାଥ ରାୟ କେବେ ଜନ୍ମଗ୍ରହଣ କରିଥିଲେ ?

ତ. ରାଧାନାଥଙ୍କ କେଉଁ କାବ୍ୟରେ ପଠାଣି ସାମନ୍ତଙ୍କ ବିଷୟ ବର୍ଣ୍ଣିତ ?

ଥ. ଗଙ୍ଗାଧର ମେହେରଙ୍କ ରଚିତ ପ୍ରଥମ କାବ୍ୟର ନାମ କ'ଣ ?

ଦ. ସ୍ୱଭାବ କବି ଭାବରେ କିଏ ପରିଚିତ ?

ଧ. 'ମଙ୍ଗଳେ ଅଇଲା ଉଷା ବିକଚ-ରାଜୀବ ଦୃଶା' ତପସ୍ୱିନୀର ........ ସର୍ଗରେ ବର୍ଣ୍ଣିତ ?

ନ. ଧଉଳି ପାହାଡ଼ର ସ୍ରଷ୍ଟା ............ ?

ପ. ଧଉଳି ପାହାଡ଼ କବିତାଟି ପଦ୍ମଚରଣ ପଟ୍ଟନାୟକ ............. କବିତା ଗ୍ରନ୍ଥରେ ରହିଛି ?

ଫ. ଧରାବତରଣର ସ୍ରଷ୍ଟା ............ ?

ବ. ଧରାବତରଣ କବିତାଟି ........... କବିତା ଗ୍ରନ୍ଥରେ ରହିଛି ?

ଭ. 'ସ୍ୱପ୍ନ ଦେଖୁଛି' କବିତାର ସ୍ରଷ୍ଟା ............... ?

ମ. ମାଷ୍ଟ୍ରାଣୀ .............. ଧରଣର କବିତା ?

ଯ. ରମାକାନ୍ତ ରଥଙ୍କ ପ୍ରଥମ କବିତା ସଂକଳନର ନାମ .............. ?

ର. ............. ଗ୍ରନ୍ଥ ପାଇଁ କବି ରମାକାନ୍ତ ସରସ୍ୱତୀ ସମ୍ମାନ ପାଇଛନ୍ତି ?

ଲ. ରମାକାନ୍ତ ରଥଙ୍କ 'ଶ୍ରୀରାଧା'ରେ ............ଟି କବିତା ସଂକଳିତ ?

ଓ୍ୱ. 'ଆକାଶ-ପ୍ରତି'ର କବି ................. ?

ଶ. ଆକାଶ-ପ୍ରତି କବିତାରେ .................. ର ପ୍ରଭାବ ରହିଛି ?

ଷ. ମାଷ୍ଟ୍ରାଣୀ କବିତାରେ .............. ଚେତନା ଅତ୍ୟନ୍ତ ତୀବ୍ର ।

ସ. 'ସପ୍ତମ ଋତୁ' ପାଇଁ ............. ପାଇଁଥିଲେ ?

୨. କ. 'ରାଧାନାଥ, ମଧୁସୂଦନ ଓ ଫକୀର ମୋହନ ଓଡ଼ିଆ ସାହିତ୍ୟରେ ଗୋଟିଏ ଯୁଗର ତ୍ରୟୀ' .......... କିଏ କହିଥିଲେ ? କେଉଁ ପୁସ୍ତକରେ ପ୍ରକାଶିତ ହୋଇଥିଲା ?

ଖ. ରାଧାନାଥ ରାୟ ପ୍ରଥମେ କେଉଁ ଭାଷାରେ କବିତା ରଚନା କରୁଥିଲେ ? ତାହା କେଉଁ ଗ୍ରନ୍ଥରେ ସଙ୍କଳିତ ?

ଗ. ଦରବାର କାବ୍ୟରେ କାହାକୁ 'ରାୟବାହାଦୂର' ଉପାଧି ପ୍ରଦାନ କରିବାର ବ୍ୟବସ୍ଥା ଥିଲା ? ଏବଂ କିଏ ଅନୁପସ୍ଥିତ ଥିଲେ ?

ଘ. ଦରବାର କାବ୍ୟ ପ୍ରଥମେ କେଉଁ ପତ୍ରିକାରେ ଏବଂ କେଉଁ ନାମରେ ପ୍ରକାଶ ପାଇଥିଲା ।

ଙ. ଗଙ୍ଗାଧର ମେହେର କେତେ ମସିହାରେ କେଉଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ?

ଚ. କେଉଁ କାବ୍ୟଟି ଗଙ୍ଗାଧର ମେହେରଙ୍କ ପ୍ରତିଭାର ଶ୍ରେଷ୍ଠ ନିଦର୍ଶନ ? ଏହାର ସର୍ଗ ସଂଖ୍ୟା କେତେ ?

ଛ. ମାଷ୍ଟ୍ରାଣୀ କବିତାଟି କାହାର ? ଏହା କେଉଁ ଚେତନା ସମ୍ବଳିତ କବିତା ?
ଜ. ସ୍ୱପ୍ନଦେଖୁଛି କାହାର ସୃଷ୍ଟି ? ଏଥିରେ କେଉଁ ଚେତନା ପ୍ରତିଫଳିତ ?
ଝ. 'ଧରାବତରଣ'ର ସ୍ରଷ୍ଟା କିଏ ? ଏଥିରେ କେଉଁ ଚେତନା ପ୍ରତିଫଳିତ ?
ଞ. 'ଆକାଶ ପ୍ରତି' କବିତାର ସ୍ରଷ୍ଟା କିଏ ? ଏହା କି ପ୍ରକାର କବିତା ?
ଟ. 'ଧଉଳିପାହାଡ଼' କେଉଁ ସଙ୍କଳନରୁ ସଂଗୃହୀତ ? ଏହା କେଉଁ ଧରଣର କବିତା ?
ଠ. ଧଉଳି ପାହାଡ଼ର କବି କିଏ ? ଧଉଳିପାହାଡ଼କୁ କବି କାହା ସହ ତୁଳନା କରିଛନ୍ତି ?

୩. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ବିଶିଷ୍ଟ ।
କ. ଆଧୁନିକ ଯୁଗର ସାମାଜିକ ପୃଷ୍ଠଭୂମି କ'ଣ ଥିଲା ?
ଖ. ଆଧୁନିକ ଯୁଗର ସାଂସ୍କୃତିକ ପୃଷ୍ଠଭୂମି ସଂପର୍କରେ ସଂକ୍ଷେପରେ ବର୍ଣ୍ଣନା କର ?
ଗ. ନବଜାଗରଣ କହିଲେ କ'ଣ ବୁଝ ?
ଘ. ଦରବାର କାବ୍ୟ ସଂପର୍କରେ ସଂକ୍ଷେପରେ ବର୍ଣ୍ଣନା କର ?
ଙ. 'ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି' - ଆଲୋଚନା କର ?
ଚ. ରାଧାନାଥଙ୍କ ସାରସ୍ୱତ ସୃଷ୍ଟି ପରିକ୍ରମା ସଂପର୍କରେ ଆଲୋଚନା କର ?
ଛ. ରାଧାନାଥ କାବ୍ୟର ବୈଶିଷ୍ଟ୍ୟ କ'ଣ ଥିଲା ?
ଜ. ଗଙ୍ଗାଧରଙ୍କ ସୃଷ୍ଟି ସଂପର୍କରେ ଆଲୋଚନା କର ?
ଝ. ତପସ୍ୱିନୀ କାବ୍ୟ ସଂପର୍କରେ ସଂକ୍ଷେପରେ ଆଲୋଚନା କର ?
ଞ. ଗଙ୍ଗାଧରଙ୍କ ଜୀବନ ଦର୍ଶନ ସଂପର୍କରେ ସଂକ୍ଷେପରେ ଆଲୋଚନା କର ?
ଟ. ଗଙ୍ଗାଧର କାବ୍ୟର ବୈଶିଷ୍ଟ୍ୟ କ'ଣ ଥିଲା ?
ଠ. ଅଶୋକଙ୍କ ହୃଦୟ ପରିବର୍ତ୍ତନ ନିମନ୍ତେ 'ଧଉଳିପାହାଡ଼'ର ଭୂମିକାକୁ ଅଧିକ ଗୁରୁତ୍ୱ ଦିଆଯାଇଛି କାହିଁକି ?
ଡ. ଧଉଳି ପାହାଡ଼ ଗିରରେ ଗୌରବ ଟୀକା ଶୋଭା ପାଉଛି ବୋଲି କବି କାହିଁକି କହିଛନ୍ତି ?
ଢ. ଆକାଶପ୍ରତି କବିତାରେ ଆତ୍ମିକବିଭବ କ'ଣ ?
ଣ. କବି କାହିଁକି ବାରମ୍ବାର ଧରାବତରଣ କରିବା ପାଇଁ ଚାହିଁଛନ୍ତି ?
ତ. 'ପଶିଯାଇଥିବା ଗାଲ ଝୁଲୁଥିବ ବାଦୁଡ଼ି ପରି' - ଆଲୋଚନା କର ?
ଥ. ସଂକ୍ଷେପରେ ମାଷ୍ଟ୍ରାଣୀ କବିତାର ବୈଶିଷ୍ଟ୍ୟକୁ ସୂଚାଅ ?
ଦ. 'ସ୍ୱପ୍ନ ଦେଖୁଛି' କବିତାରେ କେଉଁ ଭାବଧାରା ପ୍ରତିଫଳିତ ?

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭ ନମ୍ବର ବିଶିଷ୍ଟ ।

କ. ଆଧୁନିକ ଯୁଗର ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ପୃଷ୍ଠଭୂମି ସଂପର୍କରେ ଆଲୋଚନା କର ?

ଖ. ଆଧୁନିକ ଯୁଗର ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି ସଂପର୍କରେ ଆଲୋଚନା କର ।

ଗ. 'ଦରବାର' ରାଧାନାଥଙ୍କର ଏକ ବ୍ୟଙ୍ଗ କାବ୍ୟ - ଆଲୋଚନା କର ?

ଘ. 'ଦରବାର' କାବ୍ୟର ନାମକରଣର ସାର୍ଥକତା ପ୍ରତିପାଦନ କର ?

ଙ. ତପସ୍ୱିନୀ କାବ୍ୟର ନାମକରଣର ସାର୍ଥକତା ବିଚାର କର ?

ଚ. ତପସ୍ୱିନୀ କାବ୍ୟର ଚତୁର୍ଥ ସର୍ଗର ସାହିତ୍ୟିକ ମୂଲ୍ୟ ବିଚାର କର ?

ଛ. ତପସ୍ୱିନୀ କାବ୍ୟରେ କବିଙ୍କର କବି ପ୍ରତିଭା ସଂପର୍କରେ ଆଲୋଚନା କର ?

ଜ. ଗଙ୍ଗାଧରଙ୍କ ପ୍ରକୃତି ଜଡ଼ ପ୍ରଭୃତି ନୁହେଁ, ଏହା ମାନବୀୟ ବ୍ୟବହାରରେ ଉତ୍‌ଫୁଲ୍ଲିତ - ପଚିତାଂଶ ଅବଲମ୍ବନରେ ଆଲୋଚନା କର ?

ଝ. ମାଷ୍ଟ୍ରାଣୀ କବିତାରେ ସାରମର୍ମ ସଂପର୍କରେ ଆଲୋଚନା କର ?

ଞ. ମାଷ୍ଟ୍ରାଣୀ କବିତାରେ କବି ରମାକାନ୍ତ ରଥଙ୍କର ପ୍ରଦତ୍ତ 'ମୃତ୍ୟୁଚେତନ' ଅତ୍ୟନ୍ତ ତୀବ୍ର - ଆଲୋଚନା କର ?

ଟ. 'ଧଉଳି ପାହାଡ଼' କବିତାର ସାରମର୍ମ ସଂପର୍କରେ ଲେଖ ?

ଠ. 'ଧଉଳି ପାହାଡ଼' କବିତା ଅନୁସରଣରେ ଅଶୋକଙ୍କ ହୃଦୟ ପରିବର୍ତ୍ତନ ସଂପର୍କରେ ବର୍ଣ୍ଣନା କର ?

ଡ. 'ସ୍ୱପ୍ନ ଦେଖୁଛି' କବିତାରେ କବି ଶ୍ରୀ ଅନନ୍ତ ପଟ୍ଟନାୟକ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାର ବିଶ୍ଲେଷଣ କର ?

ଢ. ସ୍ରଷ୍ଟା ଲେଖନୀର ସଫଳତାରେ 'ସ୍ୱପ୍ନ ଦେଖୁଛି' କବିତାଟି କିଭଳି ଋଦ୍ଧିମନ୍ତ ହୋଇଛି ଯୁକ୍ତିଯୁକ୍ତ ଭାବେ ଆଲୋଚନା କର ?

ଣ. ନିଜସ୍ୱ ଦୃଷ୍ଟିକୋଣରୁ ମାଷ୍ଟ୍ରାଣୀ କବିତାର ମୂଲ୍ୟାୟନ କର ?

ତ. 'ମାଷ୍ଟ୍ରାଣୀ' କବିତାର ଅନ୍ତଃସ୍ୱର କାରୁଣ୍ୟ ଓ ନୈରାଶ୍ୟରେ ଭରା ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର ?

ଥ. ଆକାଶ ପ୍ରତି କବିତାର ଭାବବସ୍ତୁ ସଂପର୍କରେ ଆଲୋଚନା କର ?

ଦ. ଧରାବତରଣ କବିତାରେ ନାମକରଣର ସାର୍ଥକତା ପ୍ରତିପାଦନ କର ?

***